## ଡଙ୍ଗା ଯୋଗାଣ ଦାବିରେ ରାସ୍ତାରୋକୋ

ରାଜନଗର(ଡି.ଏନ୍.ଏ.): ରାଜନଗର ବ୍ଲକ ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତର ଫିରିକିଦାଣ୍ଡି ଗାଁର ଲୋକେ ରବିବାର ଡଙ୍ଗା ଯୋଗାଣ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ମଦନପୁର ଛକରେ ରାସ୍ତା ଅବରୋଧ କରିଥିଲେ। ବନ୍ୟାପାଣି ବଢୁଥିବାରୁ ରାସନ ସାମଗ୍ରୀ ପାଇଁ ଏହି ଗ୍ରାମର ପ୍ରାୟ ୫୦ ଜଣ ଲୋକେ ଶନିବାର ବୋଟ୍‌ରେ ମଦନପୁର ଛକକୁ ଆସିଥିଲେ। ସନ୍ଧ୍ୟାରେ ସେମାନଙ୍କୁ ନେବାକୁ ଥିବା ବୋଟ ପଳାଇ ଯାଇଥିଲା। ଫଳରେ ଘରକୁ ଫେରି ନ ପାରି ମଦନପୁର ଛକରେ ରାତି କାଟିବାକୁ ବାଧ ହୋଇଥିଲେ। ସକାଳେ ଏନେଇ ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମଦନପୁର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।



# ନୟାଗଡ଼ରେ ୭୧ ଗାଁ ଜଳବନ୍ଦୀ

ନୟାଗଡ ଅଫିସ/ଗଣିଆ/ଭାପୁର,୩୦।୮(ଡି.ଏନ.ଏ.)

- ୮ କି.ମି. ଡଙ୍ଗାରେ ଗଲେ ଗର୍ଭବତୀ
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- କାମରେ ଲାଗୁନି ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର
- ମଣିପୁରକୁ ଡଙ୍ଗା ଯୋଗାଇବା ଦାବି



ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ବେଠିଆ ସାହିର ଗର୍ଭବତୀଙ୍କୁ ଡଙ୍ଗାରେ ନିଆଯାଉଛି।

ପ୍ରଳୟଙ୍କରୀ ବନ୍ୟା ଯୋଗୁ ନୟାଗଡ଼ ଜିଲାର ୭୧ଟି ଗ୍ରାମ ଜଳବନ୍ଦୀରେ ରହିଛି। ଏଥିରେ ଗଣିଆ ବ୍ଲକର ୬୮ ଓ ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ୩ ଗାଁ ରହିଛି। ଫଳରେ ଏସବୁ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗଣିଆ ବ୍ଲକ ଛାମୁଣ୍ଡିଆରେ ସ୍ୱାସ୍ଥ୍ୟକେନ୍ଦ୍ର ଥାଇବି ଡାକ୍ତର ନ ଥିବାରୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥଳେ ରବିବାର ଭୋର ସମୟରେ ଗଣିଆ ବ୍ଲକ ବେଠିଆସାହିର ଜଣେ ଗର୍ଭବତୀ ପ୍ରସବ ବେଦନା ଅନୁଭବ କରିଥିଲେ ମଧ୍ୟ ଡଙ୍ଗା ନ ଥିବାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ସମ୍ଭବ ହୋଇ ନ ଥିଲା। ଛାମୁଣ୍ଡିଆ ପଞ୍ଚାୟତ ପିଇଓଙ୍କ ସହ ଯୋଗାଯୋଗ ପରେ ସେ ଡଙ୍ଗା ପଠାଇଥିଲେ। ମହିଳାଙ୍କୁ ଡଙ୍ଗାରେ ୮ କି.ମି. ଓ ବନ ବିଭାଗର ଗାଡିରେ ୫ କି.ମି. ନେବା ପରେ ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ନ ଥିବାରୁ ଗଣିଆ ନେବାକୁ ଦମକଳ କେନ୍ଦ୍ର କର୍ମଚାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଅପରାହ୍ନରେ ଦମକଳକେନ୍ଦ୍ର କର୍ମଚାରୀ ପହଞ୍ଚିବା ବେଳକୁ ମହିଳା ଏକ ଶିଶୁକନ୍ୟା ଜନ୍ମ ଦେଇ ସାରିଥିଲେ। ପରେ ବନ୍ୟା କାର୍ଯ୍ୟରେ ନିୟୋଜିତ ଥିବା ଝାରସୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସନ୍ଧ୍ୟାରେ ନବଜାତ ଶିଶୁକନ୍ୟା ଓ ତାଙ୍କ ମା'ଙ୍କୁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗର୍ଭବେଦନା ଭୋଗୁଥିବା ମହିଳା ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ପାରି ଛାମୁଣ୍ଡିଆରେ କନ୍ୟାସନ୍ତାନ ଜନ୍ମଦେବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସ୍ୱାସ୍ଥ୍ୟସେବା ସମସ୍ୟାକୁ ଏଡାଇବାକୁ ହେଲେ ଛାମୁଣ୍ଡିଆରେ ଡାକ୍ତର ନିଯୁକ୍ତି ଓ ମଣିପୁରରେ ଆଉ ଏକ ଡଙ୍ଗା ପକାଇବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ସେହିପରି ଜଳବନ୍ଦୀରେ ଥିବା ଅନେକ ଗ୍ରାମବାସୀଙ୍କ ନିକଟରେ ରିଲିଫ୍ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଏନେଇ ରୋଗୀଙ୍କ ଜଣେ ସମ୍ପର୍କୀୟ କହିଛନ୍ତି, ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଫାର୍ମାସିଷ୍ଟ ଥିଲେ, ଯିଏକି ପ୍ରାଥମିକ ସେବା ଦେଇ ଗଣିଆକୁ ଯିବାକୁ ପରାମର୍ଶ ଦେଇଥିଲେ। ଏଠାରେ ଅନ୍ୟ କେହି ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷେ ପଞ୍ଚାୟତରେ କେବଳ ପିଇଓଙ୍କୁ ଛାଡିଦେଲେ ଅନ୍ୟ କେହି ନାହାନ୍ତି। ଆମ ଛାମୁଣ୍ଡିଆ ପଞ୍ଚାୟତକୁ ଭଗବାନ ଭରସା। ଡଙ୍ଗା ନାହିଁ, ରିଲିଫ୍ ନାହିଁ ଓ ସ୍ୱାସ୍ଥ୍ୟସେବା ମଧ୍ୟ ବିପର୍ଯ୍ୟସ୍ତ। ବନ୍ୟାକୁ ଆଖି ଆଗରେ ରଖି ଅସ୍ଥାୟୀ ଡାକ୍ତର ବି ପ୍ରଶାସନ ନିୟୋଜିତ କଲେ ନାହିଁ। କୌଣସି ପ୍ରଶାସନିକ ଅଧିକାରୀ ଆମ ଗାଁକୁ ଆସୁନାହାନ୍ତି। ଅପରପକ୍ଷେ ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ମଣିପୁର, ମାଣିତ୍ରୀ, କରବର ଆଦି ୩ ଗାଁ ଜଳବନ୍ଦୀ ରହିଛି। ହେଲେ ଏଠାର ଲୋକାଙ୍କ ପାଇଁ ଥିବା ବୋଟ୍ ଫତେଗଡରେ ରହୁଛି। ରାତିରେ କିଛି ଅସୁବିଧାହେଲେ ରୋଗୀ ଓ ଅନ୍ୟମାନେ ହଟହଟା ହେଉଛନ୍ତି। ଏଣୁ ମଣିପୁରରେ ଏକ ଡଙ୍ଗା ରଖିବାକୁ ସ୍ଥାନୀୟ ଅଞ୍ଚଳ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୀତାଞ୍ଜଳି ବିଶ୍ୱାଳ କୁହନ୍ତି, ଛାମୁଣ୍ଡିଆ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସମସ୍ୟା ସୁଧାରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଶନିବାର ଭାପୁର ଓ ରବିବାର ଗଣିଆ ବ୍ଲକ ଅଞ୍ଚଳର ବନ୍ୟା ସ୍ଥିତି ସମ୍ପର୍କରେ ମୁଁ, ଅତିରିକ୍ତ ଜିଲାପାଳ ଓ ପିଡି ଡିଆରଡିଏ ଯାଇ ଅନୁଧ୍ୟାନ କରିଛୁ। ସରକାରଙ୍କ ପକ୍ଷରୁ ରିଲିଫ୍ ଆସିନି। କେବଳ ଉଭୟ ବ୍ଲକ ପକ୍ଷରୁ କିଛି କିଛି ରିଲିଫ୍ ଦିଆଯାଇଛି। ଜିଲାପାଳ ଶନିବାର ଗଣିଆ ଅଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

ସୂଚନା ଅନୁସାରେ, ବରମୂଳଠାରେ ଥିବା ହୀରାକୁଦ ନଦୀବନ୍ଧର ଗେଜମିଟରରେ ଶନିବାର ସନ୍ଧ୍ୟା ସୁଦ୍ଧା ୩୯ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଏଠାରେ ୪୦ ଫୁଟ ବନ୍ୟାଜଳ ପ୍ରବାହିତ ହେଲେ ଗଣିଆ ବ୍ଲକର ବିଭିନ୍ନ ଗାଁରେ ପାଣି ପଶିବ। ତେବେ ବରମୂଳ କୁତୁରୀ, ରାସଙ୍ଗ କାଦୁଆ, କଳାପାଟ ବୃଉଙ୍ଗ, ବେଣ୍ଟପଡା ଛାମୁଣ୍ଡିଆ, ମୁଦୁଲିଗାଡିଆ ବଡ଼ମୂଳ ରାସ୍ତାରେ ୫ରୁ ସାଢ଼େ ୭ଫୁଟ ପାଣି ଚାଲିଥିବାରୁ ଛାମୁଣ୍ଡିଆ, ବଡସିଲିଙ୍ଗା, ରାସଙ୍ଗ, ବେଲପଡା, କିଶୋରପ୍ରସାଦ ପଞ୍ଚାୟତର ୬୮ଟି ଗାଁ ପାଣି ଘେର ମଧ୍ୟରେ ରହିଛି।

## ନାବାଳିକାଙ୍କୁ ଗଣବଳାତ୍କାର: ୬ ଗିରଫ



ଗିରଫ ଅଭିଯୁକ୍ତମାନେ।

### ପୀଡ଼ିତା ୭ ମାସର ଗର୍ଭବତୀ

**ଗୁଣପୁର,୩୦।୮(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଥିଲା। ପୀଡିତାଙ୍କ ବାପା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୭/୨୦ ନଂ. ରେ ଏକ ମାମଲା ରୁଜୁକରି ଶୁକ୍ରବାର ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ୬ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ସେମାନେ ହେଲେ ପଣସଗୁଡ଼ା ଗ୍ରାମର ନାଗଦେବ ଶବର, ରଘୁ ଶବର, ମନୋଜ ଶବର, ଗୁଏନ୍‌ସି ଶବର, ଲଣ୍ଡା ଶବର ଏବଂ ବନ୍ଧଗୁଡ଼ା ଗ୍ରାମର ମାଝି ଶବର। ସୂଚନାଯୋଗ୍ୟ, ରାମନାଗୁଡ଼ା ବ୍ଲକ୍ ଅଞ୍ଚଳର ନାବାଳିକା ଜଣଙ୍କ ୮ ମାସ ତଳେ ଗାଁ ନିକଟ ଏକ ଝରଣାକୁ ଗାଧୋଇବାକୁ ଯାଇଥିଲେ। ଏକୁଟିଆ ପାଇ ଅଭିଯୁକ୍ତମାନେ ତାଙ୍କୁ ଗଣ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ନ ଜଣାଇବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପରେ ଝିଅର ଶାରୀରିକ ପରିବର୍ତ୍ତନ ଦେଖି ବାପା ଆଶାକର୍ମୀଙ୍କ ନିକଟକୁ ନେଇଥିଲେ। ନାବାଳିକା ଜଣକ ୭ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ବାପା ଥାନାରେ ଏତଲା ଦେଇଥିଲେ।

## ଟିଣରେ କଟିଗଲା ବେକ, ବାଳକ ମୃତ

ପାଲଲହଡ଼ା, ୩୦।୮(ଡି.ଏନ.ଏ.)

ଖେଳୁଥିବାବେଳେ ଏକ ଟିଣ ଛପରରେ ବେକ କଟି ଅନୁଗୋଳ ଜିଲା ପାଲଲହଡ଼ା ଥାନା ପଞ୍ଚାମୁଣ୍ଡ ଗ୍ରାମର ଜଣେ ବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଫୁଲ୍ଲ ପରିହାଳଙ୍କ ପୁଅ ବିଭୂ ପରିହାଳ (୧୧)। ଘଟଣାରୁ ଜଣାପଡିଛି, ବିଭୂ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ସେଠାରେ ଥିବା ଏକ କୁକୁଡ଼ା କୋଠିରେ ଲାଗିଥିବା ଟିଣ ତାଙ୍କ ବେକରେ ବାଜି ଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବିଭୂଙ୍କୁ ମୃତ ଘୋଷଣା କରିଥିଲେ। ପାଲଲହଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାରା ଆଥଲେଟ୍‌ଙ୍କ ପରଲୋକ



**କେନ୍ଦ୍ରାପଡ଼ା ଅଫିସ, ୩୦।୮:** କେନ୍ଦ୍ରାପଡା ସହରର ମାଧପୁରସ୍ଥିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାରା ଆଥଲେଟ୍ ସୁକାନ୍ତ ଚୌଧୁରୀଙ୍କ ଶନିବାର ସନ୍ଧ୍ୟାରେ ହୃଦଘାତ୍‌ରେ ପରଲୋକ ଘଟିଛି। ତାଙ୍କୁ ୬୬ ବର୍ଷ ହୋଇଥିଲା। ଚୌଧୁରୀ ଜାତୀୟ ଓ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିଲେ। ୧୯୮୧ରେ ସେ ତତ୍କାଳୀନ ରାଷ୍ଟ୍ରପତି ନୀଲମ ସଞ୍ଜୀବ ରେଡ୍ଡିଙ୍କଠାରୁ ପୁରସ୍କୃତ ହୋଇଥିଲେ। ୧୯୯୩ ଏପ୍ରିଲ ୧ରେ ପଶ୍ଚିମବଙ୍ଗ ଏବଂ ଓଡିଶାର ରାଜ୍ୟପାଳ ଡ. ନୁରୁଲ ହୋସେନଙ୍କଠାରୁ ଭାରତୀୟ ରେଡ୍‌କ୍ରସ ସମ୍ମାନ ଗ୍ରହଣ କରିଥିଲେ। ୨୦୧୩ରେ ପୁନର୍ବାସ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହାଛଡ଼ା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ଓ ପୂର୍ବତନ ନଗରପାଳ ଧୀରେନ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଜଳିଗଲା ପିକ୍‌ଅପ୍ ଭ୍ୟାନ

**ବରଗଡ଼ ଅଫିସ୍,୩୦।୮:** ବରଗଡ଼-ସୋହେଲା ରାସ୍ତାର ପଥର୍ଲା ଛକ ନିକଟରେ ରବିବାର ଅପରାହ୍ନ ପ୍ରାୟ ୩ଟା ୧୫ମିନିଟ୍‌ରେ ଏକ ଚଳନ୍ତା ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୧୭ଏ/୧୧୩୮) ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିଥିବା ଜାଣିପାରି ଡ୍ରାଇଭର ଗାଡ଼ି ଅଟକାଇ ଓହ୍ଲାଇ ପଡ଼ିବାରୁ ସେ ସୌଭାଗ୍ୟକ୍ରମେ ଏହି ଦୁର୍ଘଟଣାରୁ ରକ୍ଷା ପାଇ ଯାଇଛନ୍ତି। ଅନ୍ୟପଟେ ପିକ୍‌ଅପ୍ ଭ୍ୟାନଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଇଞ୍ଜିନରୁ ପ୍ରଥମେ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ବରଗଡ଼ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବନ୍ୟା କାର୍ଯ୍ୟରେ ନିଜକୁ ନିୟୋଜିତ କର

### ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମୀରଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିରେ ରାଜ୍ୟବାସୀଙ୍କୁ ସର୍ତକତା ଅବଲମ୍ବନ କରିବା ନିହାତି ଆବଶ୍ୟକ। ଏହି ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ବନ୍ୟା ଆଶ୍ରୟସ୍ଥଳ କିମ୍ବା ଉଚ୍ଚା ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ନିବେଦନ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ରବିବାର ସମୀର କହିଛନ୍ତି, ଚଳିତ ବନ୍ୟାରେ ରାଜ୍ୟର ଅନେକ ସ୍ଥାନରେ ଘାଇ ହୋଇଛି, ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏହାଦ୍ୱାରା ଅନେକ ଧନଜୀବନ କ୍ଷତି ହୋଇଛି। ବିଶେଷ କରି ତଳିଆ ଅଞ୍ଚଳରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପ୍ରଶାସନ ଏଯାବତ୍ ପହଞ୍ଚି ନ ଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହେଉଛି। ଏଭଳି ସମୟରେ ପ୍ରଶାସନ ପହଞ୍ଚି ନ ଥିବା ସ୍ଥାନରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବନ୍ୟା ପ୍ରପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ, ପାଣି, ଔଷଧ ଆଦି ଯୋଗାଇବାରେ ନିଜକୁ ନିୟୋଜିତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ସମୀର ଆହ୍ୱାନ ଦେଇଛନ୍ତି।

# ଶ୍ରୀମନ୍ଦିରରେ ମାରା ହେଲା ଭୋଗ

ପୁରୀ ଅଫିସ, ୩୦।୮

- ପୋତାଗଲା ୩୦ ହାଣ୍ଡିରୁ ଊର୍ଦ୍ଧ୍ୱ ଅମୁଣିଆ ମହାପ୍ରସାଦ
- ବିଳମ୍ବ ଯୋଗୁ ହୋଇପାରିଲାନି ରାତ୍ର ପହୁଡ଼
- ରିପୋର୍ଟ ମାଗିଲେ ନୀତି ପ୍ରଶାସକ



ଦୀର୍ଘଦିନ ପରେ ଶ୍ରୀମନ୍ଦିରରେ ଭୋଗ ମାରା ହୋଇଛି। ଜଣେ ସେବାୟତଙ୍କ ପାଇଁ ଶନିବାର ରାତିରେ ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମହାପ୍ରଭୁଙ୍କ ନୀତିକାନ୍ତି ବିଳମ୍ବ ହୋଇଥିଲା। ଫଳରେ ଠାକୁରଙ୍କ ରାତ୍ରପହୁଡ଼ ହୋଇପାରି ନ ଥିଲା। ସେହିପରି ଭୋଗ ମାରା ହେବାରୁ ଅମୁଣିଆ ମହାପ୍ରସାଦକୁ ପୋତି ଦିଆଯାଇଛି। ମହାସ୍ନାନ ପୂଜା ପରେ ପୁଣି ଥରେ ସନ୍ଧ୍ୟାଧୂପ ପୂଜା ବସିବା ସହ ଅନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଛି। ତେବେ କେଉଁ ପରିସ୍ଥିତିରେ ଏବଂ କାହିଁକି ଏପରି ହେଲା ସେ ନେଇ କମାଣ୍ଡରଙ୍କୁ ନୀତି ପ୍ରଶାସକ ରିପୋର୍ଟ ମାଗିଛନ୍ତି।

ଶନିବାର ଶ୍ରୀମନ୍ଦିରରେ ଏକାଧିକ ସ୍ୱତନ୍ତ୍ର ନୀତି ଅର୍ଥାତ୍ ସୁନିଆ, ବାମନ ଜନ୍ମ, ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ, ପବିତ୍ରା ଲାଗି ଓ ଇନ୍ଦ୍ରଧ୍ୱଜା ପୂଜା ରହିଥିଲା। ତେଣୁ ସକାଳୁ କିପରି ଠାକୁରଙ୍କ ନୀତିକାନ୍ତି ନିର୍ଘଣ୍ଟ ସମୟରେ ଚାଲିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବର୍ତ୍ତମାନ ମଧ୍ୟ ମନ୍ଦିରକୁ ଭକ୍ତଙ୍କୁ ଛଡ଼ାଯାଉ ନ ଥିବାରୁ କେବଳ ଠାକୁରଙ୍କ ନୀତିକାନ୍ତି ଚାଲିଛି। ରାତି ପ୍ରାୟ ୧୦ଟା ୫୦ରେ ସନ୍ଧ୍ୟାଧୂପ ପୂଜା ବସିଥିବାବେଳେ ବ୍ୟତିକ୍ରମ ଘଟିଲା। ଭିତର ପୋଖରିଆରେ ସନ୍ଧ୍ୟାଧୂପ ପୂଜା ପାଇଁ ଟେରା ପଡ଼ିବା ସହ କଳାହାଟ ଦ୍ୱାର ବନ୍ଦ କରାଯାଇଥିଲା। ଏହା ପରେ କୌଣସି ଅମୁଣିଆ ମହାପ୍ରସାଦ ଆଉ ଭିତରକୁ ଯିବା କଥା ନୁହେଁ। ମାତ୍ର ଜଣେ ସୁଆର ସେବକ ଦ୍ୱାର ଖୋଲି ଛେକ (ତାଙ୍କ ଅମୁଣିଆ ପ୍ରସାଦ) ରଖିଥିଲେ। ଫଳରେ ଭୋଗ ମାରା ହୋଇଯାଇଥିଲା। ଏହାପରେ ସେହିଠାରେ ହିଁ ସନ୍ଧ୍ୟାଧୂପ ପୂଜା ବନ୍ଦ କରାଯାଇଥିଲା। ପ୍ରାୟ ୩୦ ହାଣ୍ଡିରୁ ଊର୍ଦ୍ଧ୍ୱ ଅମୁଣିଆ ମହାପ୍ରସାଦ ମାରା ହୋଇଯିବାରୁ ନିର୍ମାଲ୍ୟ ଖଳାରେ ପୋତାଯାଇଥିଲା। ଏହାପରେ ମହାସ୍ନାନ ପୂଜା ଶେଷ ହୋଇ ପୁଣି ଥରେ ସନ୍ଧ୍ୟାଧୂପ ପୂଜା ବସିଥିଲା। ପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ତେବେ ଏହି ବିଳମ୍ବ ଯୋଗୁ ମହାପ୍ରଭୁ ରାତିରେ ଶୋଇ ନ ଥିଲେ। ଅର୍ଥାତ୍ ଶ୍ରୀମନ୍ଦିରରେ ଶନିବାର ରାତ୍ର ପହୁଡ଼ ହୋଇ ନ ଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ କହିଛନ୍ତି, ଭୋଗ ମାରା ହେବାରୁ ଅମୁଣିଆ ମହାପ୍ରସାଦ ପୋତାଯାଇଛି। ତେବେ ଏଥିପାଇଁ କମାଣ୍ଡରଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଥାନା ହାଜତରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା

### ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ଏସ୍‌ଡିପିଓ

ଜୟପୁର, ୩୦।୮(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସଦର ଥାନା ହାଜତରେ ଜଣେ ଅଭିଯୁକ୍ତ ରବିବାର ଭୋରରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜସ୍ଥାନ ରାଜ୍ୟ ନାଗୋର ଜିଲା ମାଲିୟଙ୍କା ଗ୍ରାମର ଗୋପାଳ ରାମ ପାଶ୍ୱାନ (୪୪)। ଶନିବାର ବିଳମ୍ବିତ ରାତିରେ ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗୋପାଳଙ୍କୁ ଗିରଫ କରି ଥାନାରେ ରଖିଥିଲା ବୋଲି ଜୟପୁର ଏସ୍‌ଡିପିଓ ବରୁଣ ଗୁଣ୍ଟପାଲ୍ଲୀ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜୁଡିସିଆଲ ତଦନ୍ତ କରିବା ନେଇ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ ପୋଲିସ ପାଟ୍ରୋଲିଂବେଳେ ଉମୁରି ନିକଟରେ ଏକ ଟ୍ରକ (ଆରଜେ-୨୧ଜିଏ ୩୯୫୯) ଦେଖି ଅଟକାଇ ଥିଲା। ଡ୍ରାଇଭର କିନ୍ତୁ ଫେରାର ହୋଇଯାଇଥିଲେ। ଟ୍ରକ୍ ଯାଞ୍ଚ କରି ପୋଲିସ ସେଥିରୁ ଗଞ୍ଜେଇ ଓ ଗୋପାଳ ରାମଙ୍କ ଆଧାରକାର୍ଡ ପାଇଥିଲା। ଏହାପରେ ପୋଲିସ ଖୋଜାଖୋଜି କରି ରାତି ପ୍ରାୟ ୨ଟାରେ ଡ୍ରାଇଭର ଗୋପାଳଙ୍କୁ ଗିରଫ କରି ଥାନା ହାଜତରେ ରଖିଥିଲା। ରବିବାର ଭୋରରୁ ଗୋପାଳ ବାଥ୍‌ରୁମ୍ ଯିବାକୁ କହିଥିଲେ। ତାଙ୍କୁ ବାଥ୍‌ରୁମ୍‌କୁ ନିଆଯାଇଥିଲା। ବାଥ୍‌ରୁମ ଭିତରେ ଏକ ଚାଦର ସାହାଯ୍ୟରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦୀର୍ଘ ସମୟ ଧରି ଗୋପାଳ ନ ଆସିବାରୁ କର୍ମଚାରୀମାନେ ବାଥ୍‌ରୁମ୍ କବାଟ ଭାଙ୍ଗିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳୁ ଜୟପୁର ଏସ୍‌ଡିପିଓ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏନ୍‌ଏଚ୍‌ଆର୍‌ସିର ନିୟମ ଅନୁଯାୟୀ ତଦନ୍ତ କରାଯିବ ବୋଲି ଜୟପୁର ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପରିବାର ଲୋକ ରାଜସ୍ଥାନରୁ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏବେ ୨୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଗୋପାଳ ଟ୍ରକରେ ୮କୁଇଣ୍ଟାଲ ୫କେଜି ଗଞ୍ଜେଇ ନେଇ ପାଡୁଆରୁ ରାଜସ୍ଥାନ ଯାଉଥିଲେ, ଯାହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ହେବ। ଏନେଇ ୧୬୦/୨୦ରେ ମାମଲା ରୁଜୁ ହୋଇଛି।


OFFICE OF THE NOTIFIED AREA COUNCIL, JUNAGARH
Phone No.: 06672-243247, E-mail Id: nacjunagarh@gmail.com
No. 1307/NAC(J) Date: 29.08.2020

QUOTATION CALL NOTICE

Quotation in sealed covers in plain paper are invited from different Cloth Merchants/Agencies for supply of required materials to Junagarh NAC for the year 2020-21. The quotation along with GSTN will be received upto 3.00 P.M. on Dtd.07.09.2020 in specified tender box kept at NAC Office, Junagarh and the same will be opened at 3.30 P.M. in NAC Office, Junagarh in the same day in presence of the quotationer or their authorized representative who wish to remain present. The rate should be quoted inclusive all taxes. No quotation will be entertained beyond the period specified. The authority reserves the rights to reject any or all quotation without assigning any reason thereto. The details can also be viewed from the website of NAC, Junagarh **www.junagarhnac.in**.

Sd./- Executive Officer, NAC, Junagarh

ODISHA STATE BEVERAGES CORPORATION LIMITED
(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN:U51228OR2000SGC006372
Tel: 0674-2303972(O), Email: osbcltd@gmail.com

NOTICE INVITING TENDER FOR SELECTION OF LOADING & UNLOADING CONTRACTOR

No.CAD-419:- Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from the intending registered contractors for loading & unloading work of alcoholic beverages stock in the OSBC Ltd. depot at Khurda for a period of one year.

Tender documents can be downloaded from the website of OSBC Ltd. w.e.f. 31.08.2020 and the same may be submitted by 1.00 P.M. of dt.25.09.2020 through Regd. Post/Speed Post only along with the cost of tender paper Rs.5,000+GST Rs.900/- i.e. @18% (CGST 9%+SGST 9%) and EMD amounting to Rs.2.00 lakhs (Rupees Two lakhs only) in shape of Demand Draft drawn in favour of Odisha State Beverages Corporation Ltd. payable at Bhubaneswar.

Details of tender may please be seen in the Official Website of the Corporation i.e. http://osbc.co.in

Sd./- General Manager (Admin.)

OIPR-36003/11/0004/2021

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଅଗଷ୍ଟ, ୨୦୨୦

## ଭାସିଗଲା ସ୍କର୍ପିଓ, ୩ କର୍ମଚାରୀ ଉଦ୍ଧାର

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଆଠଗଡ ବ୍ଲକ ନିଧିପୁର କଲଭର୍ଟରେ ୫ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ରବିବାର ରାତି ପ୍ରାୟ ୮ଟାରେ କଟକ ପଟୁ ଆସୁଥିବା ଏକ ସ୍କର୍ପିଓ ଏହି କଲଭର୍ଟରେ ଅତିକ୍ରମ କରିବା ବେଳେ ହଠାତ୍ ଭାସିଯାଇଥିଲା। ପରେ ୧୦ଫୁଟ ତଳେ ଥିବା ଏକ ପାଇପ ଲାଇନରେ ସ୍କର୍ପିଓଟି ଲାଗିଯିବାରୁ ଚାଳକଙ୍କ ସମେତ ୩ଜଣଙ୍କୁ ସ୍ଥାନୀୟ ଲୋକେ ପାଇପ ଲାଇନ ଉପରୁ ଉଦ୍ଧାର କରିଥିଲେ। ଏମାନେ ସମସ୍ତେ ଏକ କାରଖାନାର କର୍ମଚାରୀ ବୋଲି ଖୁଣ୍ଟୁଣୀ ଥାନାଧିକାରୀ ସୁଚିତ୍ରବିର୍ଯ୍ୟ ଦାସ କହିଛନ୍ତି। ଏହି ରାସ୍ତାରେ ପାଣିର ସ୍ରୋତ ପ୍ରଖର ଥିବାରୁ ଆଠଗଡ-କଟକ ମଧରେ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଛି।



### ସଂକ୍ଷେପରେ

## ବନ୍ୟାରେ ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ବ୍ୟବସ୍ଥା ଜିଲାରେ ବୁଲୁଛି ୧୪ ମୋବାଇଲ ଟିମ୍

**କଟକ ଅଫିସ,୩୦।୮:** କଟକ ଜିଲାରେ ଉପୁଜିଥିବା ବନ୍ୟା ପରିସ୍ଥିତିରେ ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ଗୃହପାଳିତ ପ୍ରାଣୀଙ୍କ ପ୍ରାଣହାନି କିମ୍ବା ହଜିବା ଖବର ହସ୍ତଗତ ହୋଇନାହିଁ। ସାପ କାମୁଡ଼ା, ଥଣ୍ଡା ଜ୍ୱର, ବନ୍ୟା ଜଳରୁ ସଂକ୍ରମଣ, ବନ୍ୟାପାଣିରୁ ଉଦ୍ଧାର କରାଯାଇଥିବା ଗୃହପାଳିତ ପଶୁଙ୍କ ଚିକିତ୍ସା ପାଇଁ କଟକ ଜିଲାରେ ୧୪ଟି ମୋବାଇଲ୍ ଟିମ୍ ବୁଲି ନିରବଚ୍ଛିନ୍ନ ଭାବେ କାମ କରୁଛନ୍ତି। ଏହି ଟିମ୍ ସମସ୍ତ ଔଷଧ ଓ ଭିଟାମିନ ବଟିକା ପ୍ରଚୁର ମାତ୍ରାରେ ସାଥିରେ ନେଇ ଯାଉଛନ୍ତି। ୧୪ଟି ବ୍ଲକ ମଧରୁ କେବଳ ବାଙ୍କୀ ବ୍ଲକର କିଛି ନିର୍ଦ୍ଦିଷ୍ଟ ପଞ୍ଚାୟତରେ ବନ୍ୟା ପାଣି ମାଡ଼ିଯାଇ ଥିବାରୁ ଗମନାଗମନରେ ସମସ୍ୟା ଉପୁଜିଛି ବୋଲି କଟକ ଜିଲା ପଶୁଧନ ଅଧିକାରୀ ଡା. କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ପ୍ରତି ମୋବାଇଲ ଟିମ୍‌ରେ ଜଣେ ବ୍ଲକ ପଶୁଧନ ଅଧିକାରୀଙ୍କ ସହ ଆଉ ଜଣେ ଲାଇଭ୍ ଷ୍ଟକ ଇନ୍ସପେକ୍ଟର ମଧ ଯାଉଛନ୍ତି। ତିଗିରିଆଠାରେ ଏକ ବଡ଼ ଧରଣର କ୍ୟାମ୍ପ ମଧ କରାଯାଇଛି। ସୋମବାର ସୁଦ୍ଧା ଚୋକଡ଼ ଓ ଦାନା ମଧ ଆମେ ପାଇବା ପରେ ପ୍ରଭାବିତ ଅଞ୍ଚଳରେ ବାଣ୍ଟିବା ଆରମ୍ଭ କରିବୁ ବୋଲି ଡାକ୍ତର ପ୍ରଧାନ କହିଛନ୍ତି।

## ପାଣିଘେରରେ ୧୨ ଗାଁ

**ଡେଲାଙ୍ଗ,୩୦।୮(ଡି.ଏନ୍.ଏ):** ଦୟା ଓ ଲୁଣା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଡେଲାଙ୍ଗ ବ୍ଲକର ଚାଇଁପୁର, ସିଂହବ୍ରହ୍ମପୁର ଓ ସୁଜନପୁର ପଞ୍ଚାୟତର ୧୨ ଗ୍ରାମବାସୀ ଜଳବନ୍ଦୀ ହୋଇ ରହିଛନ୍ତି। ଯାତାୟାତ ଠପ ହୋଇଯାଇଛି। ଶହଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର କୁମାର ଅଚାରିଆ, ଚାଇଁପୁର ସରପଞ୍ଚ ପଦ୍ମୁମ୍ନ ପରିଡା ପ୍ରମୁଖ ଜଳମଗ୍ନ ହୋଇରହିଥିବା ଗ୍ରାମ ବୁଲି ଦେଖିଥିଲେ। ଚାଇଁପୁର ପଞ୍ଚାୟତର ସଡାଙ୍ଗୋଇ ଓ ନୂଆଗାଁ ରାସ୍ତାରେ ୪ ଫୁଟ ପାଣି ପ୍ରବାହିତ ଯୋଗୁ ନୂଆସାହି ସଡାଙ୍ଗୋଇ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି କିଲୁପଡା-ଚାଇଁପୁର ରାସ୍ତା, ମୋଟରୀ-ନୂଆଗାଁ ରାସ୍ତା, ନୂଆଗାଁ- ତଇଲାସାହି ରାସ୍ତା ଉପରଦେଇ ୩ ଫୁଟର ପାଣି ପ୍ରବାହିତ ହେଉଛି। ସୁଜନପୁର ପଞ୍ଚାୟତର ଡେଲାଙ୍ଗ ହାଟ ବଜାରଠାରୁ ପଟଣପୁର,ରତନପୁର ଗ୍ରାମକୁ ଯାଉଥିବା ରାସ୍ତାରେ ୫ଫୁଟର ପାଣି ପ୍ରବାହିତ ହେବା ଦ୍ୱାରା ଯାତାୟାତ ବ୍ୟାହତ ହୋଇଛି।

## ନଦୀ ବନ୍ଧ ବୁଲି ଦେଖିଲେ ଗଣଶିକ୍ଷା ମନ୍ତ୍ରୀ

**ଗୋପ,୩୦।୮(ଡି.ଏନ୍.ଏ.):** ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ଅପରାହ୍ନରେ ଗଣେଶ୍ୱରପୁର, ରାହାଙ୍ଗଗୋରଡା, ଡଭାର, ନୂଆଖୋଲମରା ପଞ୍ଚାୟତ ବୁଲିବା ସହ ନଦୀକୂଳିଆ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ମନ୍ତ୍ରୀ କୁଶଭଦ୍ରା, ଧନୁଆ ନଦୀ ବନ୍ଧ ବୁଲି ଦେଖିଥିଲେ। ଗ୍ରାମବାସୀ ନଦୀ ବନ୍ଧଗୁଡ଼ିକରେ ଥିବା ବିପଦ ସ୍ଥାନ ସମ୍ପର୍କରେ ମନ୍ତ୍ରୀଙ୍କୁ ଜଣାଇଥିଲେ। ଏହି ବିପଦସଙ୍କୁଳ ସ୍ଥାନ ଗୁଡ଼ିକ ଦେଖିବାକୁ ଜଳସମ୍ପଦ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଦାଶ ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ସମସ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।


କଣାସ ଅଞ୍ଚଳରେ ସୃଷ୍ଟି ହୋଇଥିବା ଏକ ଘାଇ।


ବାଲକାଟୀ ଅଞ୍ଚଳରେ ପ୍ରବେଶ କରିଥିବା ବନ୍ୟାଜଳ।

# ଉବୁଟୁବୁ କଣାସ, ବେଘର ଲୋକେ

**ପୁରୀ ଅଫିସ/କଣାସ (ସ୍ୱ.ପ୍ର.),୩୦।୮**

ମହାନଦୀରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ପୁରୀ ଜିଲାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଜିଲା ମଧଦେଇ ଯାଇଥିବା ଦୟା, ଭାର୍ଗବୀ, ରତ୍ନଚିରା, ଲୁଣା, ମକରା, ଧନୁଆ, ରାଜୁଆ ପ୍ରଭୃତି ନଦୀ ଏବେ ଉଚ୍ଛୁଳୁଛି। କେତେକ ଜାଗାରେ ଘଳିଆ, ଘାଇ ସୃଷ୍ଟି ହୋଇଥିବାବେଳେ ଅନେକ ଜାଗାରେ ନଦୀବନ୍ଧ ଡେଇଁ ପାଣି ଜନବସତିକୁ ପଶିଛି। ବିଶେଷକରି କଣାସ ଓ ଡେଲାଙ୍ଗ ବ୍ଲକରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ବେଘର ହୋଇଛନ୍ତି ଅନେକ ପରିବାର। କୋଠାଛାତ ଓ ନଦୀବନ୍ଧରେ ହଜାର ହଜାର ଲୋକ ଆଶ୍ରୟ ନେଇଛନ୍ତି। ସେହିପରି ଡେଲାଙ୍ଗ, ସତ୍ୟବାଦୀ, ପୁରୀ ସଦର ବ୍ଲକର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଅସ୍ତରଙ୍ଗ ବ୍ଲକର ବାଉରିଆକଣଠାରେ ଦେବୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଜିଲାର ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆଗକୁ ପାଣି ବଢିବାକୁ ଥିବାରୁ ସ୍ଥିତି ଆହୁରି ସଙ୍ଗିନ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସମ୍ଭାବ୍ୟ ସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଥିବା ବେଳେ ରବିବାର କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ କୁମାର ସାମଲ, ଜିଲାପାଳ ବଲଓ୍ୱନ୍ତ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ନାଥଶର୍ମା, କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସ ପ୍ରମୁଖ କଣାସର ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧାନ କରିଛନ୍ତି।

ଦୟା ଓ ରାଜୁଆ ନଦୀରେ ୨ଟି ଘାଇ ଯୋଗୁ କଣାସ ବ୍ଲକ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ଗଡ଼ମାଟିଆପଡା ନୂଆସାହି ନିକଟରେ ଦୟା ନଦୀରେ ପ୍ରାୟ ୨୦୦ ଫୁଟର ଏକ ଘାଇ ହୋଇଛି। ଫଳରେ ପାଣ୍ଡିଆକେରା ପଞ୍ଚାୟତର ନୂଆସାହି, ବଗିପଡ଼ା, ଗଡ଼ମାଟିଆପଡା, ପାଣ୍ଡିଆକେରା, ବାଙ୍କତଳ, ଘରଛିଆ, ଶିମିଳିପାଟଣା ଗାଁରେ ପାଣି ମାଡ଼ିଯାଇଛି। ପ୍ରାୟ ୨୫ରୁ ୩୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବିଶେଷକରି ନୂଆସାହି ଅଧିକ ପ୍ରଭାବିତ ହୋଇଛି। ଏଠାକାର ପ୍ରାୟ ୧୦୦ ପରିବାର ବେଘର ହୋଇଯାଇଛନ୍ତି। କାହା କୋଠା ଛାତରେ ତ ପୁଣି କେହି ନଦୀବନ୍ଧ ଉପରକୁ ଉଠିଯାଇଛନ୍ତି। ନୂଆସାହିର ଲୋକଙ୍କ ଘରେ ୫/୬ ଫୁଟ ପାଣି ପଶିଛି। ଘାଇ ହେବା ପରେ ଏତେ ଶୀଘ୍ର ଏହା ମେଲି ପାଣି ମାଡ଼ିଲା ଯେ ଲୋକେ ସେମାନଙ୍କ ଆସବାବପତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସମୟ ପାଇ ନ ଥିଲେ। ଯେଉଁମାନେ ଘରୁ ଆସିପାରି ନ ଥିଲେ ତୁରନ୍ତ ସେମାଙ୍କୁ ଡଙ୍ଗା ସାହାଯ୍ୟରେ ଉଦ୍ଧାର କରାଯାଇଥିଲା। ସେହିପରି ରାଜୁଆ ନଦୀର ତିରିମଲ୍ଲଠାରେ ପ୍ରାୟ ୧୦୦ ଫୁଟର ଘାଇ ଯୋଗୁ କଣାସ ବ୍ଲକର ଲୋକାପାଳ ଓ ହଳଦିଆପଡ଼ା ଗାଁ ପ୍ରଭାବିତ ହୋଇଛି। ଏହି ଗାଁରେ ୩/୪ ଫୁଟ ପାଣି ମାଡ଼ିଛି। ତେବେ ଲୋକେ ଯିଏ ଯେମିତି ସୁରକ୍ଷିତ ସ୍ଥାନକୁ ପଳାଇ ଆସିଥିବାବେଳେ ଗୃହପାଳିତ ପ୍ରାଣୀଙ୍କୁ ମଧ ନଦୀବନ୍ଧକୁ ଅଣାଯାଇଛି। ମାତ୍ର କେତେକ ଗାଈ, ବଳଦ ନିଖୋଜ ଥିବା ଜଣାପଡ଼ିଛି।

ସତ୍ୟବାଦୀ ବ୍ଲକର ସୁଆଣ୍ଡୋ ଓ ବିଦ୍ୟାଧରପୁରଠାରେ ଭାର୍ଗବୀ ନଦୀବନ୍ଧରେ ଘଳିଆ ପଡ଼ିଛି। ଫଳରେ ଘାଇ ସୃଷ୍ଟି ଆଶଙ୍କାରେ ନିକଟବର୍ତ୍ତୀ ବଳରାମପୁରଗଡ଼, ବିଦ୍ୟାଧରପୁର, ପରଜାପଡ଼ା ଓ ମହୁରା ପଞ୍ଚାୟତ ଭୟଭୀତ ଅବସ୍ଥାରେ ରହିଛନ୍ତି। ଜଳ ସମ୍ପଦ ବିଭାଗର ଯନ୍ତ୍ରୀ, ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବିଡିଓ ସରୋଜ ଦତ୍ତ ପ୍ରମୁଖ ଏହି ସ୍ଥାନକୁ ଯାଇ ସ୍ଥିତି ଦେଖିଛନ୍ତି। ସେହିପରି ପୁରୀ ସଦର ବ୍ଲକ ତଳଜଙ୍ଗ ପଞ୍ଚାୟତ ତଳଜଙ୍ଗ ନଈକୂଳ ସାହିରେ ପଶିଛି ଭାର୍ଗବୀ ନଦୀର ଉଚ୍ଛୁଳା ପାଣି। ଲୋକେ ତଳଜଙ୍ଗ ପଞ୍ଚାୟତ ହାଇସ୍କୁଲରେ ଆଶ୍ରୟ ନେଇଛନ୍ତି। ଭାର୍ଗବୀର ଉଚ୍ଛୁଳା ପାଣି ତଳିଆ ଅଞ୍ଚଳରେ ମାଡ଼ିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଅସ୍ତରଙ୍ଗର ବାଉରିଆକଣଠାରେ ଦେବୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗର ଅଧିକାରୀମାନେ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଏବେ ୩ ୟୁନିଟ୍ ଏନ୍‌ଡିଆରଏଫ୍ ପିପିଲି, ଡେଲାଙ୍ଗ ଓ କଣାସରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେମାନେ ପାଣିଘେରରେ ଥିବା ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି। ପ୍ରଭାବିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ କରାଯାଉଛି।

### ଦୟା ଦେଲା ଦୁଃଖ

- ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି ମଣିଷ, ଗୋରୁ
- ବାଉରିଆକଣରେ ବିପଦ ସଙ୍କେତ ଉପରେ ଦେବୀ
- କଣାସର ପ୍ରଭାବିତ ଅଞ୍ଚଳ ବୁଲିଲେ ଆର୍‌ଡିସି

## ପାଣିଘେରରେ ୪ ପଞ୍ଚାୟତ

**ପିପିଲି,୩୦।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲିର ଭାରତୀପୁର କାଜ ଓ କଣ୍ଟି କାଜ ଉପରେ ବନ୍ୟାଜଳ ୫ଫୁଟ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ପିପିଲି ବ୍ଲକର କଣ୍ଟି, ପାଣିଦୋଳ, ଭାରତିପୁର ଓ ହାଟସାହି ପଞ୍ଚାୟତର ୧୦ହଜାରରୁ ଊର୍ଦ୍ଧ୍ୱ ଲୋକେ ପ୍ରଭାବିତ ହୋଇଛନ୍ତି। କଣ୍ଟି ପଞ୍ଚାୟତ ବଡକଣ୍ଟି, ସାନକଣ୍ଟି, ନିଜିଗଡକୁରୁରଖି, ଗୁଣ୍ଠଳ, ଲେମ୍ବୁଆପଡା, ମାଣିତ୍ରି, ଅନନ୍ତପୁର ଗ୍ରାମର ଶତାଧିକ ଲୋକେ ପାଣି ଘେରରେ ଥିବା ସରପଞ୍ଚ ପ୍ରକାଶ ଧଳ କହିଛନ୍ତି। ପାଣିଦୋଳ ପଞ୍ଚାୟତ କେରୁଣ୍ଡଇ, ବରସାହି, ମାର୍ଥାସାହି, ଖୋରପଦା କଲୋନି ସାହିର ଶତାଧିକ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ୨୦୦ହେକ୍ଟର ଚାଷଜମି ବୁଡ଼ି ରହିଥିବା ସରପଞ୍ଚ ରୁନି ନାୟକ କହିଛନ୍ତି। ଭାରତିପୁର ପଞ୍ଚାୟତର ବଗେଶ୍ୱରପୁର, ଜମ୍ବିଲା, ବରୁଣ୍ଡେଇ, ଭରତିପୁର,ସୁଲତାନନଗର ଗ୍ରାମରେ ପାଣି ଚାଲୁଛି। ପ୍ରାୟ ୩୦୦ହେକ୍ଟର ଚାଷଜମି ପାଣିରେ ବୁଡି ରହିଛି ବୋଲି ସରପଞ୍ଚ ସୌଭାଗିନୀ ନନ୍ଦ କହିଛନ୍ତି। ଜଗନ୍ନାଥପୁର ଗାଁର ରବୀନ୍ଦ୍ର ବାରିକଙ୍କ ଗାଈ ଭାସି ଯାଉଥିବା ବେଳେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇଛି।

## ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ପୁରୀ ଅଫିସ,୩୦।୮**

ପୁରୀ ଜିଲାର ବିଭିନ୍ନ ନଦୀରେ ବନ୍ୟା ଆସିଛି। କେତେକ ସ୍ଥାନରେ ଘାଇ ହୋଇଛି। ତଳିଆ ଅଞ୍ଚଳରେ ପାଣି ମାଡ଼ିଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଭାର୍ଗବୀ ନଦୀର ପାଣି ଉତ୍ତରକୋଣା–ନୂଆଗାଁ ରାସ୍ତାରେ ଚାଲିଛି। ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଉତ୍ତରକୋଣା ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି। ପ୍ରଶାସନ ଯୋଗାଇ ଦେଇଥିବା ଡଙ୍ଗାରେ ଲୋକେ ରାସ୍ତା ପାର୍ ହେଉଛନ୍ତି। ରବିବାର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରଭାବିତ ଉତ୍ତରକୋଣା, ନୂଆଗାଁ ଆଦି କେତେକ ଗ୍ରାମ ବୁଲିଥିଲେ। ସେହିପରି ଭାର୍ଗବୀ ନଦୀର ଉଚ୍ଛୁଳା ପାଣି ପଶୁଥିବା ତଳଜଙ୍ଗ ନଈକୂଳ ସାହିକୁ ଯାଇଥିଲେ। ରାସ୍ତାରେ ପାଣି ମାଡିଥିବା ବେଳେ ଭାର୍ଗବୀର ଦୁର୍ବଳ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କୁ କହି ବାଲିବସ୍ତା ପକାଇବା ବ୍ୟବସ୍ଥା କରିଥିଲେ। ବିଧାୟକଙ୍କ ସହ ଜୟନ୍ତ ଦାଶ, ସଚି ବାନାର୍ଜୀ, ଉମାକାନ୍ତ ନାୟକ, ବିରଞ୍ଚି ପାଇକରାୟ ପ୍ରମୁଖ ସାମିଲ ଥିଲେ।


ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରଭାବିତ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଜଳଘେରରେ ବସ୍ତିବାସିନ୍ଦା

**କଟକ ଅଫିସ,୩୦।୮**

ମହାନଦୀ ଓ କାଠଯୋଡ଼ିରେ ଜଳସ୍ତର ବୃଦ୍ଧି ପାଇବା ଫଳରେ କଟକ ଜିଲାରେ ବିଭିନ୍ନ ତଳିଆ ଅଞ୍ଚଳ ଏବେ ଜଳବନ୍ଦୀ ହୋଇ ରହିଛି। କଟକ ମହାନଗର ନିଗମ (ସିଏମ୍‌ସି)ର ବହୁ ବସ୍ତି ମଧ ଜଳମଗ୍ନ ହୋଇଛି। ସିଏମ୍‌ସି ଅନ୍ତର୍ଗତ ୫୫ ନଂ ୱାର୍ଡର ଗାନ୍ଧିପଲ୍ଲୀ, ଭଦିମୂଳ, କନ୍ହେଇପୁର ଓ କାଠଯୋଡ଼ି ନଦୀଶଯ୍ୟାରେ ଥିବା ବିଭିନ୍ନ ବସ୍ତି ଅଞ୍ଚଳରେ ବନ୍ୟାଜଳ ପଶିଛି। ସେହିପରି ସିଡିଏ ବ୍ରଜବିହାରପୁର ଅଞ୍ଚଳରେ ବହୁ ଘର ଜଳମଗ୍ନ ହୋଇଛି। ବସ୍ତିବାସିନ୍ଦା ରାସ୍ତାକଡ଼ରେ ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷରେ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଜଳବନ୍ଦୀ ଅବସ୍ଥାରେ ଥିବା ଲୋକଙ୍କ ସମସ୍ୟା ଅବଗତ ହେବା ସହ ସେମାନଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ସିଏମ୍‌ସି ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବା ପାଇଁ ସେ କମିଶନର ଅନନ୍ୟ ଦାସଙ୍କୁ ଫୋନ୍ କରି ଅବଗତ କରାଇଛନ୍ତି। ଗସ୍ତ ବେଳେ ବିଶ୍ୱାଳଙ୍କ ସହ ଦୁର୍ଯ୍ୟୋଧନ ସାହୁ, ସୁରେନ୍ଦ୍ର ବେହେରା, ପୂର୍ବତନ କର୍ପୋରେଟର ତାପସ ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ।

## ପାଣିଘେରରେ ୩୦ ଗ୍ରାମବାସୀ

**ନିମାପଡ଼ା,୩୦।୮(ଡି.ଏନ୍.ଏ.)**

ଧନୁଆଁ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ନିମାପଡ଼ା ବ୍ଲକର ଧନୁଆଁ, ରେଞ୍ଚ, ଶଗଡ଼ା, ବଡ଼ମାଛପୁର, ଅଲଣ୍ଡା, ଶାଇଁସଶାସନ ପଞ୍ଚାୟତର ୩୦ଗ୍ରାମ ପାଣିଘେରରେ ରହିଛି। ଦେଖେତା, ବଉଳପଦା, ଭୁଆଁ, ଶୁନୁଗୋରଡି, ବରିହାପଡ଼ା, ରଡବଜାର, ଖଜାପୁରୁ, ଆଙ୍କୁଶୁପୁର, କେରେଣ୍ଡିଆବିନ୍ଧା, ଚିଙ୍ଗୁଡ଼ିଆକଣ୍ଟା, ବଢେଇସାହି ସମେତ ୩୦ଗ୍ରାମର ୬ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଧନୁଆଁ ପଞ୍ଚାୟତର ଦେଖେତା–ଶୁନୁଗୋରଡ଼ି ରାସ୍ତା, ଭୁଆଁପୁରଠାରୁ ଦେଖେତା ରାସ୍ତା, ବଉଳପଦା–ଇଚ୍ଛାପୁର ରାସ୍ତା, ଡିହସାହି–ବଣିଆସାହି ରାସ୍ତା, ଅଲଣ୍ଡା ପଞ୍ଚାୟତର ଦୁଆଁଲୋ–ପୋରକଣା ରାସ୍ତା, ଚିଙ୍ଗୁଡ଼ିଆକଣ୍ଟା–କଅଁରପୁର ରାସ୍ତା, ଶଗଡ଼ ପଞ୍ଚାୟତର ଏକମୋକୋଣାଠାରୁ ଶଗଡ଼ାଦେଉଳି ରାସ୍ତା, ଶାଇଁସଶାସନ ପଞ୍ଚାୟତର ଭଗବତୀପୁର–ଟୋରିଆବନ୍ଧ ରାସ୍ତା, ବଡ଼ମାଛପୁର ପଞ୍ଚାୟତର ବଡ଼ମାଛପୁର–କେରେଣ୍ଡିଆ ବନ୍ଧ ରାସ୍ତାରେ ୩ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଯାତାୟାତ ବିଚ୍ଛିନ୍ନ ହୋଇପଡ଼ିଛି। ଏହି ୬ପଞ୍ଚାୟତର ପ୍ରାୟ ୧୦ହଜାର ହେକ୍ଟର ଚାଷ ଜମି ପାଣିରେ ବୁଡ଼ି ରହିଛି। ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଥିବା ଲୋକଙ୍କୁ ଖାଦ୍ୟସାମଗ୍ରୀ ଯୋଗାଇଦେବା ସହ ଉଚ୍ଚସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସରପଞ୍ଚ ପ୍ରତାପସେନ ସ୍ୱାଇଁ, ସମିତିସଭ୍ୟା ପ୍ରମିଳା ଦାସ, ରବି ଦାସ, ଗୋକୁଳାନନ୍ଦ ପରିଡ଼ା, ମମତା ପରିଡା, ସମିତିସଭ୍ୟା କଳ୍ପନା କାଣ୍ଡି, ସରପଞ୍ଚ ସସ୍ମିତା ନାୟକ, ରସ୍ମିତା ପ୍ରଧାନ, ପ୍ରକାଶ ପ୍ରଧାନ, ଭାଗ୍ୟଧର ଖଟୋଇ ପ୍ରମୁଖ ଦାବି କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ନିମାପଡ଼ା ବ୍ଲକର ହରିପୁର, ବଳଙ୍ଗା, ଶାଇଁସଶାସନ, ନୂଆସନ୍ଥ ପଞ୍ଚାୟତର ବନ୍ୟାଞ୍ଚଳ ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି।



## ବିଚ୍ଛିନ୍ନ ହେଲା ଜଟଣୀ–ପୁରୀ ରାସ୍ତା

**ଖୋର୍ଦ୍ଧା ଅଫିସ/ ଜଟଣୀ(ଡି.ଏନ.ଏ)୩୦।୮**

ମହାନଦୀ ବନ୍ୟାଜଳ ଦୟା ନଦୀରେ ପ୍ରବେଶ କରିବା ପରେ ସ୍ଥିତି ସଙ୍ଗିନ ହୋଇଛି। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ରାଜୁଆ ଓ ଦୟା ନଦୀକୁ ସଂଯୋଗ କରୁଥିବା ତିରୁମଲ ରାସ୍ତାରେ ମାଟିବନ୍ଧ ଭାଙ୍ଗି ଶହେ ଫୁଟର ଘାଇ ସୃଷ୍ଟି ହୋଇଛି। ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ଖୋର୍ଦ୍ଧା ଓ ପୁରୀ ଜିଲାର ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି। ଖୋର୍ଦ୍ଧା ଓ ପୁରୀକୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ରବିବାର ଜଟଣୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ବ୍ଲକର ତଳି ଅଞ୍ଚଳରେ ଥିବା ତିରିମଲ୍ଲ, ହଳଦିଆ, ଅଳାଁ, ବେଣାପଞ୍ଜୁରୀ,ବାଜପୁର ଅଣ୍ଡା, ପ୍ରଭୃତି ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଚାଷଜମିରେ ୫ଫୁଟ ଉଚ୍ଚର ପାଣି ଚାଲିଛି। ପଣ୍ଡିଆବିଲି ଓ ବୁଢାଗରା ଗ୍ରାମର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ପଣ୍ଡିଆବିଲି ବିଦ୍ୟାଳୟ ବୁଡ଼ିଯାଇଛି।

ପ୍ରଶାସନ ପକ୍ଷରୁ ବୋଟ୍ ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏହି ବ୍ଲକ ଅଧୀନ ପ୍ରଧାନସାହି ପଞ୍ଚାୟତର କଣ୍ଟିଲୋ ମୌଜା ତଳି ଅଞ୍ଚଳରେ ବନ୍ୟା ଜଳ ପଶିଛି। ପ୍ରତିବର୍ଷ ତିରିମଲ ମାଟିବନ୍ଧ ଭାଙ୍ଗି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ମାଟି ବନ୍ଧ ରାସ୍ତାକୁ ୪୦ଫୁଟ ଓସାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜଟଣୀ ବିଡିଓ ଦିଲୀପ ଷଡ଼ଙ୍ଗୀ ପ୍ରମୁଖ ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ଘେରରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ, ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି ଉପଜିଲାପାଳ କହିଛନ୍ତି।


ଭୁବନେଶ୍ୱର ଉପଜିଲାପାଳ, ଜଟଣୀ ବିଡିଓ ପ୍ରମୁଖ ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ କରିଛନ୍ତି।

## କଟକ: ୬୯ ଗାଁକୁ ପଶିଛି ବନ୍ୟାଜଳ

**କଟକ ଅଫିସ,୩୦।୮**

ମହାନଦୀରେ ବନ୍ୟାଜଳ ପ୍ରବେଶ କରିବା ପରେ କଟକ ଜିଲାର ୮ଟି ବ୍ଲକର ୩୯ଟି ପଞ୍ଚାୟତ ଓ ୬୯ଟି ଗ୍ରାମରେ ପାଣି ମାଡ଼ି ଯାଇଛି। ସେହିପରି କଟକ ମହାନଗର ନିଗମ (ସିଏମ୍‌ସି)ର ୨ଟି ୱାର୍ଡରେ ବନ୍ୟାଜଳ ପଶିଛି। ସମଗ୍ର ଜିଲାରେ ୪୬ ହଜାର ୮୧ ଜଣ ବନ୍ୟା ପ୍ରଭାବିତ ହୋଇଛନ୍ତି। ଗ୍ରାମାଞ୍ଚଳରୁ ୯୯୮ ଓ ସିଏମ୍‌ସିରୁ ୨୩ ଜଣ ଏହିପରି ସମୁଦାୟ ୧୦୨୧ ଜଣଙ୍କୁ ନିରାପଦ ଜାଗାକୁ ସ୍ଥାନାନ୍ତର କରାଯାଇଥିବା ଜିଲା ପ୍ରଶାସନ ରବିବାର ସୂଚନା ଦେଇଛି।

ଜିଲାର ବିଭିନ୍ନ ରାସ୍ତାରେ ବନ୍ୟାଜଳ ମାଡ଼ିଯାଇ ଥିବାରୁ ଯାତାୟାତ ସୁବିଧା ପାଇଁ ରବିବାର ୧୨ଟି ବୋଟ୍‌ର ବ୍ୟବସ୍ଥା କରାଯାଇଛି। ୬ ଜଣିଆ ଓଡ୍ରାଫ୍ ଟିମ୍ ଓ ୬ ଜଣିଆ ଅଗ୍ନିଶମ ବାହିନୀ ଏଥିରେ ନିୟୋଜିତ ଥିବାବେଳେ ଡାକ୍ତରୀ ଓ ଭେଟେନାରୀ ଚିକିତ୍ସକଙ୍କୁ ନେଇ ଗୋଟିଏ ଟିମ୍ ବିଭିନ୍ନ ଅଞ୍ଚଳକୁ ଯାଇଛନ୍ତି। ତିଗିରିଆ ଅଞ୍ଚଳରେ ୨୮୫୩ ପଶୁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସ୍ଥିତି ଉପରେ ନଜର ରଖାଯାଇଛି। ୨୭.୦୧ କୁଇଣ୍ଟାଲ ଚୁଡ଼ା, ୫.୪୦ କୁଇଣ୍ଟାଲ ଗୁଡ଼ ଓ ୪ କୁଇଣ୍ଟାଲ ବିସ୍କୁଟ ମହଜୁଦ ଅଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ମୁଣ୍ଡଳିରେ ୧୦ ଲକ୍ଷ ୨ ହଜାର ୮୨୩ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସ୍ଥିତି ନିୟନ୍ତ୍ରଣରେ ଅଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ରବିବାର ସେ ବାଙ୍କୀ ଉପଖଣ୍ଡ କାଇମୁଣ୍ଡି ଚାରିଘରିଆ ଅଞ୍ଚଳର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ଜିଲା ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ ସିଂ ରବିବାର ପୁଣି କଟକ ଗସ୍ତରେ ଆସି ଜିଲାପାଳ, ସିଏମ୍‌ସି କମିଶନରଙ୍କ ସହ ବୈଠକ କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଜିଲାରେ ଦେଖାଦେଇଥିବା ବନ୍ୟା ସ୍ଥିତି ଓ ଏହାର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପର ସମୀକ୍ଷା ହୋଇଛି।


ବନ୍ୟାଜଳ ଘେରରେ କଟକର ଭଦିମୂଳ ଅଞ୍ଚଳ।

- ୪୬,୦୮୧ ବାସିନ୍ଦା ପ୍ରଭାବିତ
- ସ୍ଥିତି ସମୀକ୍ଷା କଲେ ପଞ୍ଚାୟତିରାଜ ସଚିବ
- ବନ୍ୟାଞ୍ଚଳ ବୁଲିଲେ ଜିଲାପାଳ

## ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ

ପିପିଲି (ସ୍ୱ.ପ୍ର.): ପିପିଲି ବ୍ଲକ ଅନ୍ତର୍ଗତ ଭାରତୀପୁର ବାଗେଶ୍ୱରପୁର ଗ୍ରାମ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ସଭାପତି ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସହ ସୁରକ୍ଷା ଦେବା ଆବଶ୍ୟକ। ପ୍ରାରମ୍ଭରୁ ବୃକ୍ଷ ପୂଜା କରାଯାଇ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ବିଭୁତି ସାମନ୍ତରାୟ, ସହ ସମ୍ପାଦକ ବିକାଶ ଅଗ୍ରୱାଲ, ସହ କୋଷାଧକ୍ଷ ପ୍ରଫୁଲ୍ଲ ସାହୁ, ଉପଦେଷ୍ଟା ଭିକାରୀ ଚରଣ ଦାଶ, ବାପୁ ବେହେରା, ଜୀବନଜୟ ରାଉତରାୟ, ମୁକେଶ ବେହେରା, ଜିତେନ୍ଦ୍ର ସାହୁ, ସଞ୍ଜୀବ ସେଠୀ, ଚନ୍ଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରୁଚିକା ମାର୍କେଟରେ ଜଳିଗଲା କାର

ଭୁବନେଶ୍ୱର,୩୦।୮ (ବ୍ୟୁରୋ): ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ରୁଚିକା ମାର୍କେଟରେ ମେଡିସିନ ଦୋକାନ କରିଥିବା କେ. ସଞ୍ଜୟ କୁମାର ପାତ୍ର ରବିବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଅପରାହ୍ନ ପ୍ରାୟ ୨ଟାରେ ସେ ଘରକୁ ଯିବା ପାଇଁ ନିଜ କାର (ଓଡି୦୨ଏକ୍ୟୁ୧୨୪୩)ରେ ବାହାରିଥିଲେ। ହେଲେ କାର୍ ଷ୍ଟାର୍ଟ କରିବା ସମୟରେ ସେଥିରେ ହଠାତ୍ ନିଆଁ ଲାଗିଯାଇଥିଲା। ସାମ୍ନା ଇଞ୍ଜିନରୁ ଧୂଆଁ ଦେଖି ସେ ଷ୍ଟାର୍ଟ ବନ୍ଦ କରି ତୁରନ୍ତ ବାହାରକୁ ବାହାରି ଆସିଥିଲେ। ଏହାପରେ କାର୍‌ଟି ହୁତୁହୁତୁ ହୋଇ ଜଳି ଉଠିବା ସହ ନିଆଁ ଚାରିଆଡକୁ ବ୍ୟାପିଯାଇଥିଲା। ବରମୁଣ୍ଡା ଓ କଳ୍ପନାରୁ ଦୁଇଟି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

### କୋଭିଡ୍ ମୁକାବିଲା: ରାପିଡ୍ ରେସ୍‌ପନ୍ସ ଟିମ୍ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ୩୦।୮(ବ୍ୟୁରୋ): ଭୁବନେଶ୍ୱରରେ କୋଭିଡ-୧୯ ମୁକାବିଲା ପାଇଁ ରାପିଡ୍ ରେସ୍‌ପନ୍ସ ଟିମ୍ ସଂଖ୍ୟା ବୃଦ୍ଧି କରାଯାଇଛି। ସହରରେ ମୋଟ ୩ଟି ଜୋନ୍ ରହିଥିବାବେଳେ ପୂର୍ବରୁ ପ୍ରତି ଜୋନ୍‌ରେ ୩ଟି ଲେଖାଏ ଟିମ୍ କାର୍ଯ୍ୟ କରୁଥିଲା। ଏବେ ସଂକ୍ରମଣ ସ୍ଥିତି ବଢ଼ିଯାଇଥିବାରୁ ଟିମ୍ ସଂଖ୍ୟା ୩୦କୁ ବୃଦ୍ଧି କରାଯାଇଛି ଅର୍ଥାତ୍ ପ୍ରତି ଜୋନ୍‌ରେ ୧୦ଟି ଲେଖାଏ ଟିମ୍‌କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସହରରେ ୨୩୯୧ଜଣ ହୋମ୍ ଆଇସୋଲେସନରେ ରହିଥିବାବେଳେ ଟିମ୍‌ର ସଦସ୍ୟମାନେ ସେମାନଙ୍କ ଦାୟିତ୍ୱରେ ରହିଛନ୍ତି। ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂଠାରୁ ଆରମ୍ଭ କରି ହୋମ୍ ଆଇସୋଲେସନ କିଟ୍ ଆଦି ପ୍ରଦାନ କରୁଛନ୍ତି। ସେହିପରି ଟେଲିମେଡିସିନ କ୍ଷେତ୍ରରେ ମଧ୍ୟ ସହାୟତା ଯୋଗାଇ ଦେଉଛନ୍ତି।

### ଓଟିଏମ୍ ଦୁର୍ଗା ବଜାର କମିଟିର ମାଟି ଅନୁକୂଳ

ଚୌଦ୍ୱାର,୩୦।୮(ଡି.ଏନ୍.ଏ): ଚୌଦ୍ୱାର ଓଟିଏମ୍ ଦୁର୍ଗା ବଜାର ପୂଜା କମିଟି ପକ୍ଷରୁ ପବିତ୍ର ସୁନିଆଁ ତିଥିରେ ରବିବାର ମା'ଦୁର୍ଗାଙ୍କର ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହାଇଯାଇଛି। କୋଭିଡ୍ ନିୟମ ପାଳନ କରାଯାଇ କର୍ତ୍ତା ମହେଶ୍ୱର ମହାପାତ୍ର, ସଭାପତି ଅଶୋକ କୁମାର ସାହୁ, ଶଙ୍କର୍ଷଣ ସାହୁ, ଆଲୋକ ଦାସ, ବ୍ରହ୍ମାନନ୍ଦ ପ୍ରଧାନ, ଶିବରାମ ସାହୁ, ବ୍ରହ୍ମାନନ୍ଦ ରାଉତ, ଘନଶ୍ୟାମ ସାହୁ ପମୁଖ ବିରୂପା ନଦୀ କୂଳରେ ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରିଥିଲେ।

### କାର୍ଯ୍ୟାଳୟ ବନ୍ଦ ରଖିବାକୁ କର୍ମଚାରୀଙ୍କ ଦାବି

କଟକ ଅଫିସ,୩୦।୮: ସହରରୁ ଚିହ୍ନଟ ହେଉଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ରହିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଲିଙ୍କରୋଡ୍‌ସ୍ଥିତ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ମୁଖ୍ୟ କାର୍ଯ୍ୟାଳୟରେ କରୋନା ପାଇଁ ଏହାର କର୍ମଚାରୀ ଚିନ୍ତାରେ ପଡ଼ିଛନ୍ତି। ଗତ ଚାରି ଦିନ ମଧ୍ୟରେ ଏଠାରୁ ଦୁଇ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। କଟକ ଟେଲିକମ ଜିଲା ହିସାବରେ ଏହା ମୁଖ୍ୟ କାର୍ଯ୍ୟାଳୟ ହୋଇଥିବାରୁ ଏଠାରେ ସବୁବେଳେ କର୍ମଚାରୀ ଓ ଜନସାଧାରଣଙ୍କ ଭିଡ଼ ହୋଇଥାଏ। ତେଣୁ କାର୍ଯ୍ୟାଳୟ ବିଶୋଧନ ସହ ବନ୍ଦ ରଖିବାକୁ କର୍ମଚାରୀମାନେ ଦାବି କରିଛନ୍ତି।

# ଭୁବନେଶ୍ୱରରେ ଆକ୍ରାନ୍ତ ହେଲେଣି ୧୦ ହଜାର

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

ଭୁବନେଶ୍ୱରରେ ରବିବାର ରେକର୍ଡ ସଂଖ୍ୟକ ୫୧୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯେଉଁଥିରୁ ୨୨୪ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୨୯୧ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତ ସଂଖ୍ୟା ୧୦ହଜାର ୨୧ରେ ପହଞ୍ଚିଛି। ତେବେ ଜୁଲାଇ ୩୧ସୁଦ୍ଧା ଏହି ସଂଖ୍ୟା ୨୭୩୫ ରହିଥିବାବେଳେ କେବଳ ଅଗଷ୍ଟ ମାସରେ ୭୨୮୬ ଜଣ ସଂକ୍ରମିତ ହୋଇଥିବା ବିଏମ୍‌ସି ତଥ୍ୟରୁ ଜଣାପଡ଼ିଛି।

ଅଗଷ୍ଟରେ ଭୁବନେଶ୍ୱରର ହାଟ ବଜାର ଖୋଲିଯିବା ସହ ଯାନବାହାନ ଚଳପ୍ରଚଳ ଉପରୁ ମଧ୍ୟ କଟକଣା ହଟିଛି। ଏହାବ୍ୟତୀତ ପଡ଼ୋଶୀ ଜିଲାରୁ ଆକ୍ରାନ୍ତ ମଧ୍ୟ ଭୁବନେଶ୍ୱରରେ ଆସି ରହୁଥିବାରୁ ସଂକ୍ରମଣ ବ୍ୟାପିଛି। ସେହିଭଳି ବିଭିନ୍ନ ଜିଲାରୁ ରୋଗୀମାନେ ମଧ୍ୟ ହସ୍ପିଟାଲକୁ ଆସୁଥିବାରୁ ସେଠାରୁ ମଧ୍ୟ ହସ୍ପିଟାଲ କର୍ମଚାରୀମାନେ ସଂକ୍ରମିତ ହୋଇଛନ୍ତି। ତେବେ ବିଏମ୍‌ସିର ପୂର୍ବ ଆକଳନ ଅନୁସାରେ ଅଗଷ୍ଟ ଶେଷ ସୁଦ୍ଧା ଭୁବନେଶ୍ୱରରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଓ ସେପ୍ଟେମ୍ବର ୧୫ ସୁଦ୍ଧା ୫ ହଜାରରେ ପହଞ୍ଚିଯିବ। ଏବେ ଯେଉଁ ହାରରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେଥିରୁ ବିଏମ୍‌ସିର ଅ । କ ଳ ନ ସତ ହେବ ବୋଲି ବାରି ହୋଇପଡୁଛି। କାରଣ ଏବେବି ବସ୍ତି, ହସ୍ପିଟାଲ, ପୋଲିସ କଲୋନୀରେ ସଂକ୍ରମଣ ବ୍ୟାପି ଚାଲିଛି।



**କେବଳ ଅଗଷ୍ଟରେ ୭୨୧୮**

- ଦିନକରେ ପୁଣି ୫୧୫ ପଜିଟିଭ୍, ୨୯୭ ସୁସ୍ଥ
- ଆଉଜଣେ ମୃତ, ୩୯୧୦ ସକ୍ରିୟ ସଂକ୍ରମିତ

ତେବେ ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରରୁ ରବିବାର ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ପାଖାପାଖି ୫୦ଜଣ ବସ୍ତି ଅଞ୍ଚଳରୁ, ୩୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ କର୍ମଚାରୀ, ୨୨ ପୋଲିସ୍ କର୍ମଚାରୀ, ୱାର୍ଡ ନଂ. ୪୬ରୁ ୧୮ ଜଣଙ୍କ ସମେତ ରସୁଲଗଡ଼, ଶହୀଦନଗରରୁ ୨୫ ଜଣ, ପୁରୁଣା ଭୁବନେଶ୍ୱର ଅଞ୍ଚଳରୁ ୧୫ ଜଣ, ଚନ୍ଦ୍ରଶେଖରପୁର ଅଞ୍ଚଳରୁ ୨୨ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହାବ୍ୟତୀତ ସହରର ବିଭିନ୍ନ ସ୍ଥାନରୁ ସଙ୍ଗରୋଧ ଓ ସ୍ଥାନୀୟ ସଂକ୍ରମିତ ଭାବେ ବହୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହ ରବିବାର ଆଉ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ରୁ ସଂଖ୍ୟା ବୃଦ୍ଧିପାଇ ୪୧ରେ ପହଞ୍ଚିଛି। ସେହିଭଳି ଆଉ ୨୯୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବିଏମ୍‌ସି ସୂଚନା ଦେଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱରର ୯ ୱାର୍ଡରେ ଏବେ ଶହେରୁ ଊର୍ଦ୍ଧ୍ୱ ସକ୍ରିୟ ସଂକ୍ରମିତ ରହିଥିବା ଜଣାପଡିଛି। ୱାର୍ଡ ନଂ. ୨, ୧୨, ୧୯, ୨୩, ୨୭, ୪୦, ୪୬, ୬୩ ଓ ୬୫ରେ ସଂକ୍ରମିତଙ୍କ ସଂଖ୍ୟା ଶହେ ଉପରେ ଥିବାବେଳେ ୱାର୍ଡ ନଂ.୨୭ରେ ସର୍ବାଧିକ ୨୫୪ ସକ୍ରିୟ ସଂକ୍ରମିତ ରହିଛନ୍ତି। ରବିବାର ୱାର୍ଡ ନଂ.୪୬ରୁ ସର୍ବାଧିକ ୩୩ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ ଯୋଗେ ପ୍ରକାଶ ପାଇଛି।

# ସର୍ବସାଧାରଣ ଶୌଚାଳୟରୁ ସଂକ୍ରମଣ ଆଶଙ୍କା

କଟକ ଅଫିସ,୩୦।୮

କଟକ ସହରରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ବର୍ତ୍ତମାନ କରୋନା ଭୂତାଣୁ ବସ୍ତିମୁହାଁ ହେଲାଣି। ସହରର ବସ୍ତିଗୁଡ଼ିକୁ ନେଇ ଜିଲା ପ୍ରଶାସନ ଚିନ୍ତାରେ ରହିଛି। ବସ୍ତିବାସିନ୍ଦା ବ୍ୟବହାର କରୁଥିବା ସାଧାରଣ ଶୌଚାଳୟରୁ ଏବେ ସଂକ୍ରମଣ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ଶୌଚାଳୟକୁ ବହୁ ଲୋକ ବ୍ୟବହାର କରିବା ସହ ସେଠାରେ ସ୍ୱଚ୍ଛତା ରହୁ ନ ଥିବାରୁ ସଂକ୍ରମଣ ବ୍ୟାପିପାରେ।

କଟକ ମହାନଗର ନିଗମ (ସିଏମ୍‌ସି) ମହାମାରୀ ସମୟରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉ ନ ଥିବା ପରି ମନେ ହେଉଛି। ଅଗଷ୍ଟରେ ବସ୍ତି ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବା ବେଳେ ସେହି ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ ଅବହେଳା କରାଯାଉଥିବା ଅଭିଯୋଗ ଉଠିଛି। ବସ୍ତି ଅଞ୍ଚଳରେ ହାତଗଣତି ଶୌଚାଳୟ ରହିଛି। ସିଏମ୍‌ସି ଅଧୀନରେ ଥିବା ୨୬୨ଟି ବସ୍ତି ଅଞ୍ଚଳରେ ମାତ୍ର ୬୮ଟି ଶୌଚାଳୟ ଅଛି। ସେଥିରୁ ୧୨ ସର୍ବସାଧାରଣ ଶୌଚାଳୟ, ୧୪ ହାଇବ୍ରିଡ ଶୌଚାଳୟ ଓ ୪୨ଟି ଗୋଷ୍ଠୀ ଶୌଚାଳୟ ରହିଛି। ବସ୍ତି ଅଞ୍ଚଳ ଅଞ୍ଚଳ ଓ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ, ଛତ୍ରବଜାର, ମାଲଗୋଦାମ, କଲେକ୍ଟରେଟ, ରାଣୀହାଟ କେନାଲ ରୋଡ୍ ଆଦି ସ୍ଥାନରେ ସ୍ୱଚ୍ଛତା ରହୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟ ମଧ୍ୟ ଅପରିଚ୍ଛନ୍ନ ଓ ଦୁର୍ଗନ୍ଧମୟ ହୋଇ ରହିଛି। କରୋନା ସମୟରେ ପରିମଳ ବ୍ୟବସ୍ଥାକୁ ନେଇ ସିଏମ୍‌ସିର ପରିମଳ ଅଧିକାରୀ ତଥା ଡେପୁଟି କମିଶନର ସଞ୍ଜୀବିତା ରାୟ କହିଛନ୍ତି ଯେ, ସିଏମ୍‌ସି ସବୁବେଳେ ପରିମଳ ଉପରେ ଗୁରୁତ୍ୱ ଦେଇ ଆସିଛି। ସବୁ ସ୍ଥାନରେ ସ୍ୱଚ୍ଛତା ଉପରେ ଦୃଷ୍ଟି ଦିଆଯାଉଛି।

# ବିନା ଆଣ୍ଟିଜେନ୍ ଟେଷ୍ଟରେ ପ୍ରସବ ଅଭିଯୋଗ

କଟକ ଅଫିସ,୩୦।୮

- ଏସ୍‌ସିବିରେ ଟେଷ୍ଟିଂ କିଟ୍ ଅଭାବ
- ଆର୍‌ଟିପିସିଆରରେ କାମ ଚଳାଉଛି ସ୍ତ୍ରୀ ଓ ପ୍ରସୂତି ବିଭାଗ
- ଅଭିଯୋଗକୁ ଖଣ୍ଡନ କଲେ ଏସ୍‌ସିବି ଭାରପ୍ରାପ୍ତ ଅଧୀକ୍ଷକ

କିଛି ଦିନ ହେଲା କଟକର ସମସ୍ତ ପ୍ରମୁଖ ହସ୍ପିଟାଲରେ ଆଣ୍ଟିଜେନ ଟେଷ୍ଟିଂ କିଟ୍‌ର ଅଭାବ ଦେଖାଦେଇଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ମଧ୍ୟ ଏହି କିଟ୍ ସରିଯାଇଛି। ଫଳରେ ଏଠାକୁ ଆସୁଥିବା ପ୍ରସୂତିଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯାଉଛି। ଏପରିକି କେତେଜଣଙ୍କ କୋଭିଡ୍ ଟେଷ୍ଟ କରା ନ ଯାଇ ସେମାନଙ୍କ ପ୍ରସବ କରାଯାଉଥିବା ଅଭିଯୋଗ ହୋଇଛି।

ଉଲ୍ଲେଖଯୋଗ୍ୟ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ କିଟ୍ ଅଭାବରୁ ଆଣ୍ଟିଜେନ୍ ଟେଷ୍ଟ ହୋଇ ନ ପାରି ଦୂରଦୂରାନ୍ତରୁ ଆସିଥିବା ରୋଗୀ ନିରାଶ ହୋଇ ଫେରୁଥିଲେ। ତେଣୁ ଉଭୟ ହସ୍ପିଟାଲର କର୍ତ୍ତୃପକ୍ଷ ଏବେ କେତେଜଣଙ୍କୁ ଆଣ୍ଟିଜେନ ଓ ଅନ୍ୟ କେତେଜଣଙ୍କୁ ଆର୍‌ଟିପିସିଆର ଟେଷ୍ଟ କରାଇ ସ୍ଥିତି ସମ୍ଭାଳୁଛନ୍ତି। କିନ୍ତୁ ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ଇନ୍‌ଡୋରରେ ଏବେ ଆଣ୍ଟିଜେନ କିଟ୍ ସରିଯାଇଛି। ଫଳରେ ବାଧହୋଇ ଆର୍‌ଟିପିସିଆର୍ ଟେଷ୍ଟ ପରେ ପ୍ରସୂତିମାନଙ୍କ ପ୍ରସବ କରାଯାଉଛି। ଏଥିରେ ପ୍ରାୟ ଦୁଇଦିନ ପରେ ରିପୋର୍ଟ ଆସୁଥିବାରୁ ସେତେବେଳ ପର୍ଯ୍ୟନ୍ତ ଜଣେ ଜରୁରିକାଳୀନ ପ୍ରସୂତି ଅପେକ୍ଷା କରିବା ସମ୍ଭବ ନୁହେଁ। ଏଭଳି ସ୍ଥିତିରେ କେତେଜଣ ପ୍ରସୂତିଙ୍କ ବିନା କୋଭିଡ୍ ଟେଷ୍ଟରେ ପ୍ରସବ କରାଯାଉଥିବା ଅଭିଯୋଗ ଆସୁଛି। ଏହାଦ୍ୱାରା ମା' ଓ ନବଜାତ ଶିଶୁ ସହ ସେମାନଙ୍କ ପରିବାର, ସମ୍ପର୍କୀୟ ଓ ଜରୁରିକାଳୀନ ଓଟିରେ କାମ କରୁଥିବା ୬୦ ଜଣ କର୍ମଚାରୀ ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ରହିଛି। ତେବେ ଏଭଳି ଅଭିଯୋଗକୁ ଏସ୍‌ସିବିର ଭାରପ୍ରାପ୍ତ ଅଧୀକ୍ଷକ ଡା. ପ୍ରଶାନ୍ତ କୁମାର ନନ୍ଦ ଖଣ୍ଡନ କରି କହିଛନ୍ତି ଯେ ସେମାନେ କେତେଜଣ ରୋଗୀଙ୍କ ଆର୍‌ଟିପିସିଆର୍ ଓ ଅନ୍ୟ କେତେଜଣଙ୍କ ଆଣ୍ଟିଜେନ ଟେଷ୍ଟ କରୁଛନ୍ତି। କୌଣସି ତ୍ରୁଟି ବିଷୟ ହସ୍ତଗତ ହୋଇନାହିଁ। ତଥାପି ସମସ୍ୟା ଥିଲେ ସେନେଇ ବିଚାରବିମର୍ଶ ପରେ ପଦକ୍ଷେପ ନିଆଯିବ।




ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଛାନ୍ଦ, ଚମ୍ପୁ ପ୍ରବନ୍ଧମାଳା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ନୃତ୍ୟଶିଳ୍ପୀ ଏବଂ ଅନ୍ୟମାନେ।

ପୁରୀ ଅଫିସ,୩୦।୮

ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗତ ଶନିବାର ଛାନ୍ଦ ଓ ଚମ୍ପୁ ପ୍ରବନ୍ଧମାଳାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗୁରୁ ଚନ୍ଦ୍ରମଣି ଲେଙ୍କା ଉଦ୍‌ଘାଟନ କରିଥିଲେ। ଗୁରୁ ସ୍ୱର୍ଗତ ବିଶ୍ୱନାଥ ମହାପାତ୍ର (କଣ୍ଠଶିଳ୍ପୀ)ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ନୀରବ ପ୍ରାର୍ଥନା କରାଯାଇଥିଲା। ଗୁରୁ ଚନ୍ଦ୍ରମଣି ଲେଙ୍କା ଓ ଗୁରୁ ଶକ୍ତିପ୍ରସାଦ ନାୟକ ଛାନ୍ଦ ଓ ଚମ୍ପୁ ପରିବେଷଣ କରିଥିଲେ। ତାଙ୍କୁ ବଂଶୀରେ ଗୁରୁ ଲକ୍ଷ୍ମୀଧର ମଲ୍ଲିକ, ମର୍ଦ୍ଦଳରେ ଗୁରୁ ଜଗନ୍ନାଥ ମିଶ୍ର ସହଯୋଗ କରିଥିଲେ। ଅନ୍‌ଲାଇନ ମାଧମରେ ଗୁରୁ କବି ତିଳକ ଆର୍ତ୍ତତ୍ରାଣ ଶତପଥୀ, ଗୁରୁ ଶରତ କୁମାର ରଥ, ଗୁରୁ ବସନ୍ତ କୁମାର ମିଶ୍ର ଲୁଚି ଯାଉଥିବା ଛାନ୍ଦ ଓ ଚମ୍ପୁ ପରମ୍ପରାର ପୁନଃ ଉପସ୍ଥାପନା କରିଥିଲେ। ନୃତ୍ୟ ମାଧମରେ ଅନୁଷ୍ଠାନର ଛାତ୍ରୀ ସାବିତ୍ରୀ ମହାପାତ୍ର ଓ ଲିପ୍ସିରେଖା ମହାପାତ୍ର କ ଚମ୍ପୁ ଓ ଖ ଚମ୍ପୁ, ଗୀତଗୋବିନ୍ଦରେ ଶ୍ରୀତକମଳା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁ ନାରାୟଣ ପାଣ୍ଡେ ଓ ରୋଜାଲିନ ମହାନ୍ତି ପରିଚାଳନା କରିଥିଲେ।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୪୬୯୬ ସଂକ୍ରମିତ

ଖୋର୍ଦ୍ଧା ଅଫିସ,୩୦।୮: ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍ ଦେଇ) ରବିବାର ୯୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୭୫ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ବାଲିଅନ୍ତା ୨୧, ବାଲିପାଟଣା୧୨, ଭୁବନେଶ୍ୱର ଓ ଜଟଣୀରୁ ଜଣେ ଲେଖାଏ ରହିଥିବା ବେଳେ ଖୋର୍ଦ୍ଧା ବ୍ଲକରୁ ୨୦, ବେଗୁନିଆ ୯, ବୋଲଗଡ଼ ୨, ଟାଙ୍ଗୀ ୫, ଚିଲିକା ୧୨ ଓ ବାଣପୁରରୁ ୭ଜଣ ରହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ ୪୬୯୬ଜଣ ସଂକ୍ରମିତ ହୋଇଥିବା ବେଳେ ୩୨୦୭ ସୁସ୍ଥ,୧୪୬୩ ସକ୍ରିୟ ରୋଗୀ ରହିଛନ୍ତି। ୨୬ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ୩୩୫, ବାଲିପାଟଣା୨୮୭, ଭୁବନେଶ୍ୱର ୩୪୨୦ ଜଟଣୀ ୩୮୧, ଖୋର୍ଦ୍ଧା ବ୍ଲକରୁ ୬୯୪, ବେଗୁନିଆ ୨୬୧, ବୋଲଗଡ଼ ୪୩୫, ଟାଙ୍ଗୀ ୫୩୧, ଚିଲିକା ୭୨୧ ଓ ବାଣପୁରରୁ ୭୦୯ଜଣ ରହିଛନ୍ତି। ଜିଲାପାଳ ସନତ ମହାନ୍ତି କହିଛନ୍ତି, ଚିଲିକା, ବାଣପୁର ବ୍ଲକ ଏବଂ ଦୁଇ ଏନ୍‌ଏସିରେ ସ୍ଥିତିରେ ସୁଧାର ଆଣିବା ଲାଗି ପ୍ରୟାସ ଜାରି ରହିଛି।

# ୨୫ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ଖୋର୍ଦ୍ଧା ଅଫିସ, ୩୦।୮

**ବେଗୁନିଆ ବ୍ଲକର ୨ହଜାର ହେକ୍ଟର ଚାଷଜମି ଜଳମଗ୍ନ**

ରାଜୁଆ ନଦୀ ବନ୍ୟାଜଳ ପଶି ଖୋର୍ଦ୍ଧା ବ୍ଲକ ଓରବରସିଂ, ନରଣଗଡ ପ୍ରଭୃତି ପଞ୍ଚାୟତରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ ରହିଛନ୍ତି। ଗତ ଦୁଇ ଦିନର ବନ୍ୟାଜଳ ପ୍ରଭାବରେ ଏହି ଦୁଇ ପଞ୍ଚାୟତର ହିରିମୂଳ, ଓରବରସିଂ, ରାୟପୁର, ମାନପୁର, ଧବଳପୁର ପ୍ରଭୃତି ଗ୍ରାମ ଦାଣ୍ଡରେ ପାଣି ଚାଲିବା ସହ ଘରେ ପାଣି ପଶିଛି। ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ରନ୍ଧାଖାଦ୍ୟ ବ୍ୟବସ୍ଥା ସହ ବୋଟ ଯୋଗେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ନିଆଯାଇଛି। ବନ୍ୟା ଜଳ ଧିରେ ଧିରେ କମୁଥିବା ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି। ଏହି ଦୁଇ ପଞ୍ଚାୟତର ଏକର ଏକର ଚାଷ ଜମି ୫ଫୁଟ ପାଣିରେ ବୁଡିରହିଛି। ଗତ ୩ ଦିନ ଧରି ଭୋକ ଉପାସରେ ରହିବା ପରେ ରବିବାର ଆଶ୍ରୟସ୍ଥଳୀରେ ଚୁଲି ଜଳିଥିବା କେତେଜଣ ଗ୍ରାମବାସୀ କହିଛନ୍ତି।

ଅନ୍ୟପଟେ ରଣନଦୀ ଫୁଲିଛି। ଏହାର ପାଣି ଆସି ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତର ସାରୁଅ, ଲୋକନାଥପୁର, କାଠଖୁଣ୍ଟିଆ, ପଡିନବର, ସ୍ୱପ୍ନେଶ୍ୱର, ବାଘମାରୀ ପଞ୍ଚାୟତର ବାଘମାରି, ଅତ୍ରି, ପଣସବସ୍ତ, ଦୁର୍ଗପୁର ପଞ୍ଚାୟତର ଦୁର୍ଗାପୁର, କରଡଗାଡିଆ, ସୀମର ପଞ୍ଚାୟତର ସୀମର, ଗଁପୁର, ପୋଡାଡିଅ ପଞ୍ଚାୟତର ପଙ୍ଗାରିସିଂ, ଭୋଗଡା, ପାଇକସାହି ମୌଜାର ହଜାର ହଜାର ଚାଷ ଜମି ଜଳମଗ୍ନ ରହିଛି। ଉଷ୍ମ ପ୍ରସ୍ରବଣ ଅତ୍ରି ଏବଂ ସଂଲଗ୍ନ ରାସ୍ତା ଉପରେ ୫ଫୁଟ ଉଚ୍ଚର ପାଣି ଚାଲିଛି। ଫଳରେ ଅତ୍ରି ଦେଇ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ବେଗୁନିଆ ବ୍ଲକ କୃଷି ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ କହିଛନ୍ତି, କ୍ଷୟକ୍ଷତି ଆକଳନ କରାଯାଇ ନାହିଁ। ୨୮ତାରିଖ ସୁଦ୍ଧା ୧୦୩୫ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିବା ସୂଚନା ମିଳିଛି।

## ପୁରୀ: ୧୧୮ ପଜିଟିଭ ଚିହ୍ନଟ

ପୁରୀ ଅଫିସ, ୩୦।୮:ପୁରୀ ଜିଲାରୁ ରବିବାର ୧୧୮ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩,୪୫୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨,୫୫୮ ଜଣ ସୁସ୍ଥ ହୋଇଥିବା ବେଳେ ୮୮୧ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ରବିବାର ଜିଲାରୁ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରୁ କରୋନା ମୋଟ ୧୨ ଜଣଙ୍କ ମୁଣ୍ଡ ନେଲାଣି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମକରି ଜିଲାର ଜଣେ ଔଷଧ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ଔଷଧ ବ୍ୟବସାୟୀ ପଜିଟିଭ ଚିହ୍ନଟ ହେବା ପରେ କିଛିଦିନ ହେବ ସଂକ୍ରାମକ ରୋଗ ଚିକିତ୍ସାଳୟ ପରିସର କୋଭିଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମାତ୍ର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ରବିବାର ତାଙ୍କୁ ଭୁବନେଶ୍ୱର ପଠାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ବାଙ୍କୀ-ଖୋର୍ଦ୍ଧା-ଭୁବନେଶ୍ୱର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ

ବାଙ୍କୀ,୩୦ ।୮(ସ୍ୱ.ପ୍ର)

ବାଙ୍କୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏଠାରେ ମହାନଦୀ ବିପଦ ସଙ୍କେତ ୭.୭୮ମିଟର ଥିବାବେଳେ ରବିବାର ଅପରାହ୍ନ ସୁଦ୍ଧା ୮.୪୦ ମିଟରକୁ ଛୁଇଁଛି। ଫଳରେ ବାଙ୍କୀ ସହରକୁ ମହାନଦୀ ଜଳ ପ୍ରବେଶ କରିଛି। କୃଷି ବିଭାଗ ଓ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ବନ୍ୟା ଜଳ ଜମିଛି। ବାଙ୍କୀ-ଖୋର୍ଦ୍ଧାର ମୁଖ୍ୟ ରାସ୍ତାରେ ପ୍ରାୟ ୬ ଫୁଟ ଉଚ୍ଚରେ ଅଧ କିଲୋମିଟର ପର୍ଯ୍ୟନ୍ତ ବନ୍ୟା ଜଳ ପ୍ରବାହିତ ହେଉଛି। ଏଥିଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବାଙ୍କୀ-କଟକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା କଇଁମୁଣ୍ଡି, ଚାରିଘରିଆ, ଶୁଖୁଆଖଳା ଗ୍ରାମ୍ୟ ରାସ୍ତା ସମ୍ପୂର୍ଣ୍ଣ ବୁଡିଯାଇଛି। ବାଙ୍କୀ ବୈଦେଶ୍ୱର ମୁଖ୍ୟ ରାସ୍ତାର ଚନ୍ଦ୍ରପା ସେତୁ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବାଙ୍କୀ-ବୈଦେଶ୍ୱର, କଳାପଥର ଅଞ୍ଚଳକୁ ଯାତାୟାତ ବନ୍ଦ ହୋଇଯାଇଛି। ବିଲିପଡା -ତାଳବସ୍ତ ପଞ୍ଚାୟତ ରାସ୍ତାରେ ରାସ୍ତା ଉପରେ ୮ ଫୁଟରୁ ଅଧିକ ଜଳ ପ୍ରବାହିତ ହେଉଛି। ବାଙ୍କୀ ବ୍ଲକ ସରଣ୍ଡା ଅଞ୍ଚଳର ୭ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସୁବର୍ଣ୍ଣପୁର, ଓସ୍ତିଆ, କଦଳୀବାଡି, ରତାଗଡ, ବାଉଁଶପୁଟ, କନ୍ତପହଁରା, ବନ୍ଦାଳ ଆଦି ପଞ୍ଚାୟତର ଲୋକେ ଜଳବନ୍ଦୀ ହୋଇଯାଇଛନ୍ତି। ଘୋଡାବର ନିକଟ ହୁଲୁହୁଳା ପୋଲ ଉପରେ ୬ ଫୁଟ ଓ ଓସ୍ତିଆ ପଞ୍ଚାୟତର ଆନନ୍ଦପୁର ପୋଲ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋକସଂପର୍କ ଓ ଜଳସେଚନ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାଶଙ୍କ ସହ ମୁଣ୍ଡଳି ବ୍ୟାରେଜରେ ପହଞ୍ଚି ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଜିଲାପାଳ ଅଂଶୁପା ହ୍ରଦ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ବନ୍ୟାସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।




ବାଙ୍ଗୀ-ଖୋର୍ଦ୍ଧା ରାସ୍ତାରେ ବନ୍ୟାଜଳ ।

# ମୁଣ୍ଡଳୀ, ନରାଜ ବ୍ୟାରେଜରେ ଭିଡ଼



ମୁଣ୍ଡଳୀ ବ୍ୟାରେଜ ରାସ୍ତାରେ ଲୋକଙ୍କ ଭିଡ଼ ।

ନରାଜ,୩୦।୮ (ଡି.ଏନ୍.ଏ.)

**କରୋନା କଟକଣାକୁ ବେଖାତିର**

କଟକ ଜିଲା ମୁଣ୍ଡଳି ବ୍ୟାରେଜ, ନରାଜ ବ୍ୟାରେଜ ଓ ସୁଭାଷ ସେତୁରେ ରବିବାର ଲୋକମାନଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ମହାନଦୀରେ ଆସିଥିବା ବନ୍ୟା ଦେଖିବାପାଇଁ ଏସବୁ ସ୍ଥାନରେ ଭିଡ଼ ଜମିଥିଲା। ଏପରିକି ଆଠଗଡରୁ ଭୁବନେଶ୍ୱର ଆସୁଥିବା ଗୋଟିଏ ଆମ୍ବୁଲାନ୍ସ ଓ ଆଠଗଡ ଯାଉଥିବା ୨ ଆମ୍ବୁଲାନ୍ସକୁ ଭିଡ ଅତିକ୍ରମ କରିବାକୁ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ଗୋଡିସାହି ଫାଣ୍ଡି ପୋଲିସକୁ ନାକେଦମ ହେବାକୁ ପଡିଥିଲା। କରୋନା କଟକଣା ଥିଲା ବେଳେ ନିୟମ ଉଲ୍ଲଂଘନ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

